## ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ଶିମିଳିପାଳ ବଞ୍ଚାଅ ଅଭିଯାନରେ ଭଞ୍ଜସେନାର ହରତାଳ, ସ୍ଥାନ- ଜିଲାର ୧୮ ଓ ୪୯ନଂ. ଜାତୀୟ ରାଜପଥ ଏବଂ ବାରିପଦା-ଉଦଳା ରାଜ୍ୟରାଜପଥ, ସମୟ: ସକାଳ ୮ଘଟିକା।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର

ବାରିପଦା ଅଫିସ,୮।୨- ବାରିପଦା ମଧୁବନ ସ୍ଥିତ ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଦିବାସୀ ଉନ୍ନୟନ ପରିଷଦର ଉପଦେଷ୍ଟା ତଥା ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ଉପସଭାପତି ରଘୁନାଥ ପଣ୍ଡା ଉତ୍ସବର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୪୫ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସମିତିର ଅବାହକ ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ.କୁଞ୍ଜବନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୃହପାଳିତ ପ୍ରାଣୀ ଚିକିତ୍ସା ଶିବିର

ବିଶୋଇ,୮।୨(ଡି.ଏନ.ଏ.)- ରାଜ୍ୟ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ସରଗଡ଼ା ବନାଞ୍ଚଳ ଅଧୀନ କଳାଟମକ ଗ୍ରାମରେ ଗୃହପାଳିତ ପଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଜାତଳା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଦିଲ୍ଲୀପ ବେହେରାଙ୍କ ସମେତ କର୍ମଚାରୀ ଛବି ରଞ୍ଜନ ମହାରଣା, ବିଦ୍ୟାଧର ସୋରେନ ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ମାଗଣା ଚିକିତ୍ସା କରାଯାଇଥିଲା। କଳାଟମକ ଗ୍ରାମବାସୀ,ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

## ଜାତୀୟତାବୋଧ ସୃଷ୍ଟି କରେ ମହୋତ୍ସବ

ରୂପସା, ୮।୨(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ ପୋଡ଼ାଡ଼ିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ତମ ବାର୍ଷିକ ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ମୁଖ୍ୟବକ୍ତା କ୍ଷେତ୍ରୀୟ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର ଯୋଗଦେଇ ମହୋତ୍ସବ ସଭିଙ୍କ ମଧ୍ୟରେ ଜାତୀୟତାବୋଧ ସୃଷ୍ଟି କରେ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ପୂର୍ବତନ ସରପଞ୍ଚ ସୁବେଶ କୁମାର ନାୟକ, ଭାଜପା ନେତା ଶ୍ରୀଧର ବେହେରା ଓ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ସଚିନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମେଲୋଡ଼ି କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା।

## ମା' ଭଗବତୀଙ୍କ ପୀଠରେ ପୂଜୋତ୍ସବ : ୩୭ ବୋଦାଙ୍କୁ ବଳି

ଜଳେଶ୍ୱର, ୮।୨(ଡି.ଏନ.ଏ.)-ପ୍ରତିବର୍ଷ ପରି ଜଳେଶ୍ୱର ବ୍ଲକର ନଛିମପୁର ପଞ୍ଚାୟତ ଅଧୀନ ଆମ୍ବଲିଅଠା ଗ୍ରାମରେ ମା' ଭଗବତୀଙ୍କ ପୀଠରେ ବାର୍ଷିକ ପୂଜୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଗ୍ରାମ ଚଣ୍ଡୀଦେବୀଙ୍କ ନିକଟରେ ଖଇଭୋଗ ଅର୍ପଣ କରିଥିବା ବେଳେ ମଧରାତ୍ରିରେ ୩୭ଟି ବୋଦା (ଅଣ୍ଡିରାଛେଳି)କୁ ମା' ଭଗବତୀଙ୍କ ସମ୍ମୁଖରେ ବଳି ଦିଆଯାଇଛି। ଶ୍ରଦ୍ଧାଳୁମାନେ ଆଖପାଖ ଗ୍ରାମରୁ ଆସି ଦେବୀଙ୍କ ନିକଟରେ ବଳି ଦେଇଛନ୍ତି। ଅନ୍ୟ ୧୫ଟି ବୋଦାକୁ ଶ୍ରଦ୍ଧାଳୁମାନେ ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ବଳି ନ ଦେଇ ଛାଡି ଦେଇଥିବା ଦେଖିବାକୁ ମିଳିଛି।

# ଲୋକକଳା, ସଂସ୍କୃତି ପୁନରୁଦ୍ଧାର ଦାବିରେ ବିକ୍ଷୋଭ

ବାରିପଦା ଅଫିସ,୮।୨

ଲୋକକଳା ଓ ସଂସ୍କୃତିର ପୁନରୁଦ୍ଧାର ଲାଗି ୧୫ଦଫା ସମ୍ବଳିତ ଦାବିକୁ ନେଇ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ପ୍ରାଚୀନ ଲୋକକଳା ଓ ସଂସ୍କୃତି ପରିଷଦର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ଜିଲାର ପାରମ୍ପରିକ ଲୋକ କଳାକାରମାନେ ବହୁ ସମସ୍ୟା ଦେଇ କାଳାତିପାତ କରୁଛନ୍ତି। ଓଡ଼ିଶା ଇତିହାସରେ କଳା ସଂସ୍କୃତି ଦିଗରେ ପାରମ୍ପରିକ ଲୋକକଳାର ପ୍ରଚାର ପ୍ରସାର ଓ କଳାକାରଙ୍କୁ ଆର୍ଥିକ ସହାୟତା ଉଦ୍ଦେଶ୍ୟରେ ତତ୍କାଳୀନ ଜିଲାପାଳ ଭି.କେ.ପାଣ୍ଡିଆନ ଉଦ୍ୟମ କରିଥିଲେ। ସେହି ସମୟରେ ଲୋକ କଳାକାରଙ୍କ ପାଇଁ ଲୋକକଳା ଯୋଜନା ପ୍ରଣୟନ କରି ଭାରତ ଇତିହାସରେ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇ ୟୁନିସେଫ ପକ୍ଷରୁ କଳାକର ଭତ୍ତା ପ୍ରଦାନ କରାଯାଇଥିଲା। ମାତ୍ର ସଂସ୍କୃତି ବିଭାଗରେ ଥିବା କିଛି ଅଧିକାରୀଙ୍କ ଅବହେଳା ଯୋଗୁ ୧୦ବର୍ଷ ଧରି ସହାୟତା ଦେଇଆସୁଥିବା ୟୁନିସେଫର ସହାୟତାକୁ ୨୦୨୨ରୁ ବନ୍ଦ କରାଯାଇଛି। ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକକଳା କଳାକାର।

### ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ

# ଏଭିଏମ୍ ସ୍କୁଲର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥିବୃନ୍ଦ।

ଖଇରା, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରାସ୍ଥିତ ଏଭିଏମ ସ୍କୁଲ ପରିସରରେ ମଙ୍ଗଳବାର ବାର୍ଷିକୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ସୁକାନ୍ତ କୁମାର ଗାହାଣଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢ଼ୀ ମୁଖ୍ୟଅତିଥି, ବିଆରସିସି ଶ୍ରୀଧର ବେହେରା, ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର, ସିଆରସିସି ଲକ୍ଷ୍ମଣ କୁମାର ସେନ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମା'ବାପା ପ୍ରଥମ ଗୁରୁ ଭାବେ ପିଲାମାନଙ୍କୁ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ଜ୍ୟୋତିଶ୍ରୀ ନନ୍ଦ ଓ ମମତାରାଣୀ ନାୟକ ଅତିଥି ପରିଚୟ ଏବଂ ବନମାଳୀ ବେହେରା ବିବରଣୀ ପାଠ କରିଥିଲେ। ଆଲଫାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୁନାମଧନ୍ୟ କଳାକାର ଚିରାଗଦୀପ୍ ଓ ସାଇଙ୍କ ଦ୍ୱାରା ମନୋମୁଗ୍ଧକର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୧୦ରୁ 'ଆକ୍ୱା କଲଚର ଏକ୍ସପୋ'



'ଆକ୍ୱା କଲ୍‌ଚର ଏକ୍ସପୋ-୨୦୨୩' ନିମନ୍ତେ ଖବରଦାତା ସମ୍ମିଳନୀ।

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର ସହରସ୍ଥିତ ଆଇଟିଆଇ ପଡ଼ିଆରେ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ 'ଆକ୍ୱା କଲଚର ଏକ୍ସପୋ-୨୦୨୩'। ଏନ୍‌ଆର୍‌ଏସ୍ ପବ୍ଲିକେସନ ହାଇଦ୍ରାବାଦ, ଆକ୍ୱାଟିକ ଫିଡ଼ ଓ ମେରାଇନ୍ ଏକ୍ସପୋର୍ଟର ଆସୋସିଏଶନ୍ ଓଡ଼ିଶା, ଓଡ଼ିଶା ଶ୍ରୀମ୍ପ ଫାର୍ମର୍ସ ଆସୋସିଏଶନ୍, ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ଏବଂ ଓଡ଼ିଶା ଆକ୍ୱା ଏମ୍ପ୍ଲୋଇଜ୍ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ଜଳଚର ପ୍ରଦର୍ଶନ 'ଆକ୍ୱା କଲଚର ଏକ୍ସପୋ-୨୦୨୩' ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ଉଦ୍ୟୋଗ ଭବନ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘର ସମ୍ପାଦକ ସଞ୍ଜୟ କୁମାର ଦାସ ସୂଚନା ଦେଇଛନ୍ତି।

ଏଥିରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରାୟ ୬୦ରୁ ୭୦ ଜଣ କମ୍ପାନୀ ସେମାନଙ୍କର ସାମଗ୍ରୀ ୧୨୦ଟି ଷ୍ଟଲ୍‌ରେ ପ୍ରଦର୍ଶିତ କରିବେ। ଏହି ପ୍ରଦର୍ଶନୀ ଦ୍ୱାରା ଭାରତୀୟ କୃଷି କ୍ଷେତ୍ରରେ ଯେଉଁ ନୂତନ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଚାଷୀମାନେ ଅଧିକ ଅମଳକ୍ଷମ ହେବ ଓ ଉତ୍ପାଦନ ମୂଲ୍ୟ ମଧ୍ୟ ହ୍ରାସ ହୋଇପାରିବ ତା' ଉପରେ ଜ୍ଞାନ ଲାଭ କରିପାରିବେ। ପ୍ରଦର୍ଶନୀ ଦ୍ୱାରା ସ୍ଥାନୀୟ ଚାଷୀମାନେ ଭାରତବର୍ଷରେ ଥିବା ବଡ଼ ବଡ଼ କମ୍ପାନୀମାନଙ୍କ ସହ ସିଧାସଳଖ କଥା ହୋଇ ନିଜର ସୁବିଧା ଅସୁବିଧା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି କିପରି ଚାଷୀମାନେ ଏହି ଚାଷର ସ୍ଥାୟିତ୍ୱ ବଜାୟ ରଖିପାରିବେ ସେ ବିଷୟରେ ଜ୍ଞାନ ପାଇପାରିବେ। ଏଥିରେ ପ୍ରଥମ ଦିନ ପାଖାପାଖି ୧୪ହଜାରରୁ ୧୫ହଜାର ଚାଷୀମାନେ ଭାଗ ନେବେ। ଏହି ପ୍ରଦର୍ଶନୀକୁ ଓଡ଼ିଶା ସରକାରଙ୍କ କୃଷି ଓ ମତ୍ସ୍ୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିବେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରମୁଖ ଯୋଗଦେବେ। ଆସନ୍ତା ୧୧ ଫେବୃଆରୀ ସନ୍ଧ୍ୟାରେ ପ୍ରଦର୍ଶନୀ ଉଦ୍‌ଯାପିତ ହେବ।

# ୫ ଜେସିବି ମେଶିନ, ୭ ଟ୍ରାକ୍ଟର ଜବତ: ୨ ଗିରଫ

ବାଲିଆପାଳ, ୮।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ଏବଂ ଜଳେଶ୍ୱର ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଜିଲା ଏସ୍‌ପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ଉତ୍ତୋଳନ ହୋଇ ମହଜୁଦ୍ ଥିବା ବାଲିଗଦା ଉପରେ ଚଢ଼ାଉ କରାଯାଇ ମାମଲା ରୁଜୁ ହେବା ସହିତ ୫ ଜେସିବି ମେଶିନ ୭ ଟ୍ରାକ୍ଟର ସହିତ ୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ବାଲିଆପାଳ ଅଞ୍ଚଳର ବାଲି ଚୋରାଚାଲାଣକାରୀ ସୌମ୍ୟଦୀପ ଚକ୍ରବର୍ତ୍ତୀ ଓ ତାଙ୍କର ସହଯୋଗୀ ସୃଷ୍ଟିଧର ଜେନାଙ୍କୁ ପୋଲିସ ଉଠାଇ ନେବା ସହିତ ସୌମ୍ୟଦୀପଙ୍କ ୭ଟି ଟ୍ରାକ୍ଟର ଓ ୨ଟି ଜେସିବି ମେଶିନକୁ ଜବତ କରାଯାଇ ଥାନାକୁ ନେଇଯାଇଥିବା ଜଣାଯାଇଛି। ଏନେଇ ବାଲିଆପାଳ ଥାନାରେ ୭ ତାରିଖରେ ମାମଲା (ନଂ. ୨୭/୨୦୨୩) ରୁଜୁ କରାଯାଇଛି। ଏଥିସହିତ ଅନ୍ୟ ୩ଟି ଜେସିବିକୁ କଣ୍ଟାପାଳରେ ବାଲି ମହଜୁଦ ଥିବା ସ୍ଥାନରେ ପୋଲିସ ଜଗି ରହିଛି। ଏହା ସହିତ ଚକ୍ରବର୍ତ୍ତୀଙ୍କ ବାଲିଆପାଳ, ବସ୍ତା, ଜଳେଶ୍ୱର ତହସିଲ ଅଧୀନରେ ଥିବା ବିଭିନ୍ନ ବେଆଇନ ବାଲି ଷ୍ଟକକୁ ମାପ କରି ବାଲିର ମୂଲ୍ୟ ଆକଳନ କରାଯାଇଥିବା ବେଳେ ବାଲିଆପାଳ ତହସିଲଦାର ଦୀପକ କୁମାରୀ ଦାସ କଣ୍ଟାପାଳସ୍ଥ ନାଲି ଇଟାଭାଟି ଉପରେ ଚଢ଼ାଉ କରି ଟିଣ ଚିମିନି ସହିତ କିଛି ନାଲି ଇଟା ନଷ୍ଟ କରିଛନ୍ତି।

# ହାପି କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ: ଧକୋଠା ଚାମ୍ପିୟନ



ଟ୍ରଫି ସହ ବିଜେତା ଦଳର ଖେଳାଳି।

ଢେଙ୍କିକୋଟ,୮।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ହାପି କ୍ଲବ୍‌ର ତୃତୀୟ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଘଟଗାଁ କ୍ରିକେଟ ଟିମ୍‌କୁ ହରାଇ ଧକୋଠା କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଥିଲା। ଧକୋଠା ଟିମ୍ ପ୍ରଥମେ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଦିଷ୍ଟ ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଘଟଗାଁ କ୍ରିକେଟ ଟିମ ବିଜୟ ଲକ୍ଷ୍ୟ ପିଛା କରି ନିର୍ଦ୍ଦିଷ୍ଟ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୮୬ ରନ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସଭାରେ ହାପି କ୍ଲବ୍‌ର ସଭାପତି ରବିନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ମୁଖ୍ୟ ବକ୍ତା ଭାବେ ଘଟଗାଁ ବ୍ଲକ୍ ୮ ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସମ୍ମାନୀୟ ଅତିଥି ଭାବେ ରାଧାକାନ୍ତ ବେହେରା, କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସଭାରେ କ୍ଲବ୍‌ର ସମ୍ପାଦକ ସୁମନ୍ତ ନାଏକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୌଦାଗର ନାଏକ, କନ୍ଦର୍ପ ମିସ୍ତ୍ରୀ ଓ ବିଦେଶୀ ବାରିକ ଖେଳ ପରିଚାଳନା କରିଥିଲେ। କ୍ଲବ୍ ସଦସ୍ୟ ସନ୍ଦୀପ ନାଏକ, ସୁନନ୍ଦା ନାଏକ, ଅଙ୍ଗଦ ନାଏକ ଏବଂ ଦୀପକ ପଲେଇ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।

# ଡି.ଏନ. ହାଇସ୍କୁଲ ଛାତ୍ରଙ୍କୁ ୩ ସ୍ୱର୍ଣ୍ଣ ସହ ୯ ପଦକ

କେନ୍ଦୁଝର,୮।୨(ସ୍ୱ.ପ୍ର.)

### ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା

ଷଷ୍ଠ ଅନ୍ତର୍ଜାତୀୟ ଉନ୍ମୁକ୍ତ କରାଟେ ପ୍ରତିଯୋଗିତା-୨୦୨୩ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଥିବା ସ୍ୱର୍ଣ୍ଣ ଭାରତୀ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସମେତ ୫ଟି ଦେଶର ୮୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝରର ସର୍ବ ପୁରାତନ ଏବଂ ଗୌରବଶାଳୀ ଶିକ୍ଷା ଅନୁଷ୍ଠାନ ଡି.ଏନ ହାଇସ୍କୁଲର ୭ ଛାତ୍ର ଭାରତ ତରଫରୁ ପ୍ରତିନିଧିତ୍ୱ କରି ୩ ସ୍ୱର୍ଣ୍ଣ ସହ ୯ ପଦକ ଜିଣି ଜିଲା ତଥା ଦେଶର ଗୌରବ ବଢ଼ାଇଛନ୍ତି। ପଦକ ପ୍ରାପ୍ତ କରିଥିବା ପ୍ରତିଯୋଗୀମାନେ ହେଲେ ଅମୃତ ସିଂହ ୧୦ ବର୍ଷ ବାଳକ ବ୍ୟକ୍ତିଗତ କୁମିତେରେ ୧ ବ୍ରୋଞ୍ଜ, ଦିନେଶ ନାଏକ ୧୧ ବର୍ଷ ବ୍ୟକ୍ତିଗତ ବିଭାଗ କାତାରେ ୧ ସ୍ୱର୍ଣ୍ଣ ଏବଂ କୁମିତେରେ ୧ ସ୍ୱର୍ଣ୍ଣ, ଗଣନାଥ ପ୍ରଧାନ ୧୨ ବର୍ଷରୁ କମ ବ୍ୟକ୍ତିଗତ ବାଳକ କୁମିତେ ବିଭାଗରେ ୧ ସ୍ୱର୍ଣ୍ଣ, ଚନ୍ଦନ ପ୍ରକାଶ ନାଏକ ୧୩ ବର୍ଷରୁ କମ ବାଳକ ବ୍ୟକ୍ତିଗତ ବିଭାଗ କୁମିତେରେ ୧ ବ୍ରୋଞ୍ଜ, କାତାରେ ୧ ବ୍ରୋଞ୍ଜ, କ୍ରିଷ୍ଣା ନାଏକ ୧୩ ବର୍ଷ ବ୍ୟକ୍ତିଗତ ବାଳକ କାତାରେ ୧ ବ୍ରୋଞ୍ଜ, ସୂର୍ଯ୍ୟ ପ୍ରତାପ ନାଏକ ୧୪ ବର୍ଷ ବାଳକ କୁମିତେ ବ୍ୟକ୍ତିଗତ ବିଭାଗରେ ୧ ବ୍ରୋଞ୍ଜ ଓ କାତାରେ ୧ ବ୍ରୋଞ୍ଜ ହାସଲ କରିଥିଲେ। ପିଲାମାନଙ୍କ ସଫଳତା ପାଇଁ ଜିଲା କ୍ରୀଡ଼ା ସଂସ୍ଥା ସମ୍ପାଦକ ଡ଼ ଜନାର୍ଦ୍ଦନ ଦାଶ, ପୁରାତନ ଛାତ୍ର ସଂଘର ସଭାପତି ବଳରାମ ପୃଷ୍ଟି, ଅଶୋକ ଦାଶ ଓ ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।


କ୍ରୀଡ଼ାବିତ୍‌ଙ୍କ ସହ ସ୍କୁଲ୍ କର୍ତ୍ତୃପକ୍ଷ।

# 'ସୁପରିଚାଳନା ଉପରେ ପାଣି ପଞ୍ଚାୟତର ସଫଳତା ନିର୍ଭର କରେ'

କେନ୍ଦୁଝର,୮।୨(ସ୍ୱ.ପ୍ର./ଡି.ଏନ୍.ଏ): କେନ୍ଦୁଝର ଜିଲା ସଂସ୍କୃତି ଭବନଠାରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାୟକ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ କୃଷି ଭିତ୍ତିଭୂମିର ଉନ୍ନତି ହେଉଛି। ଜଳ ସଂରକ୍ଷଣ ଓ ସୁ-ବଣ୍ଟନ ମାଧ୍ୟମରେ ଚାଷୀର ଆୟକୁ ବହୁଗୁଣିତ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇ ପାଣି ପଞ୍ଚାୟତର ସଫଳତା ପାଇଁ ସୁପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପାଣି ପଞ୍ଚାୟତ କାର୍ଯ୍ୟକ୍ରମରେ ଯେଉଁ ପ୍ରକଳ୍ପଗୁଡ଼ିକ ଅଚଳ ହୋଇଯାଉଛି, ସେଗୁଡ଼ିକର ପୁନଃଉଦ୍ଧାର ସହିତ ଚାଷୀଙ୍କ ଭିତରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ପାଣି ପଞ୍ଚାୟତର କାର୍ଯ୍ୟକାରିତା ଓ ଚାଷୀ କିପରି ଉପକୃତ ହେଉଛନ୍ତି, ସେ ସମ୍ପର୍କରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରଭାରୀ ଅବିନାଶ ସାହୁ, ବୈତରଣୀ ଅବବାହିକାର ମୁଖ୍ୟଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ପୂର୍ବାଞ୍ଚଳ କ୍ଷୁଦ୍ର ଜଳସେଚନ ମଣ୍ଡଳ କେନ୍ଦୁଝରର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରମେଶ ସାବତ, କ୍ଷୁଦ୍ର ଜଳସେଚନ ବିଭାଜନ କେନ୍ଦୁଝରର ଅଧିକ୍ଷଣ ଯନ୍ତ୍ରୀ ସୁଧାଂଶୁ ଶେଖର ସାହୁ, ବୈତରଣୀ ଡିଭିଜନ ଶାଳପଡ଼ାର ଅଧିକ୍ଷଣ ଯନ୍ତ୍ରୀ ପ୍ରଣବ ନାୟକ, ଉପନିର୍ଦ୍ଦେଶକ ଉଦ୍ୟାନ ଜୟନ୍ତ ନାଏକ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଦେଓ, କୃଷି ଅଧିକାରୀ ଘଟଗାଁ ମିହିର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏନ. ରାମୁ ଯୋଗଦେଇଥିଲେ। ଏହି ଅବସରରେ ଘଷିପୁରା ବ୍ଲକ୍‌ର ରତ୍ନାକର ଜେନା, ଶରତ ଚନ୍ଦ୍ର ଜେନା, ଘଟଗାଁ ବ୍ଲକ୍‌ର ବିମଳା ନାଏକ, ସାହାରପଡ଼ା ବ୍ଲକ୍‌ର ସରୋଜିନୀ ନାଏକ ଓ ଚମ୍ପୁଆ ବ୍ଲକ୍‌ର ପ୍ରମୋଦ ମହାନ୍ତଙ୍କୁ ସଫଳ ଚାଷୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷୁଦ୍ର ଜଳସେଚନ ଡିଭିଜନ ସେକ୍ସନ ଅଫିସର ସୁଶିଲ ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଜିଲାର ବିଭିନ୍ନ ପ୍ରକାର ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ଚାଷୀ ପ୍ରମୁଖ ଯୋଗଦେଇଥିଲେ।

# ସୋରକୁ ସବ୍‌ଡିଭିଜନ ମାନ୍ୟତା ଦାବି

ବାହାନଗା/ସୋର, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ନିର୍ବାଚନମଣ୍ଡଳୀର ନୂତନ କରି ଭାଜପାରେ ମିଶିଥିବା ନେତା ରବୀନ୍ଦ୍ର କୁମାର ଜେନା ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସୋରକୁ ସବ୍‌ଡିଭିଜନ ମାନ୍ୟତା ଘୋଷଣା ଲାଗି ଦାବି କରିଛନ୍ତି। ସ୍ୱାଧୀନତାର ୭୪ବର୍ଷ ପରେ ବି ସୋର ନିର୍ବାଚନମଣ୍ଡଳୀ ଆଜି ବି ଅବହେଳିତ ହୋଇଥିବା ସେ ସମ୍ମିଳନୀରେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପାର କେହି ନେତୃବୃନ୍ଦ ଉପସ୍ଥିତ ନ ଥିବା ବେଳେ ସେ ଜଣେ ଭାଜପାର ନେତା ଓ ସାଧାରଣ କର୍ମୀ ବୋଲି କହିବା ସହିତ ସୋର ନିର୍ବାଚନମଣ୍ଡଳୀର ସମସ୍ତ ଖବରଦାତାଙ୍କ ସହଯୋଗ ଲୋଡ଼ିଥିଲେ।

ସୋର ନିର୍ବାଚନମଣ୍ଡଳୀ ଦୁଇଟି ବ୍ଲକର ସମସ୍ତ ଖବରଦାତାଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବରେ ନିଜର ଆଭିମୁଖ୍ୟ ବାବଦରେ ଜଣାଇଥିଲେ। ଆଗାମୀ ୨୦୨୪ରେ ନିର୍ବାଚନ ଥିବାରୁ ଦଳ ତାଙ୍କୁ ଟିକେଟ ଦେଲେ ସେ ସୋରର ଥିବା ୮ଟି ମୁଖ୍ୟ ସମସ୍ୟାକୁ ନିଶ୍ଚିତ ସାମାଧାନ କରିବେ ବୋଲି ପ୍ରକାଶ କରିଥିଲେ। ବୁଧବାର ସେ ବ୍ୟକ୍ତିଗତ ଭାବେ ଖବରଦାତାମାନଙ୍କ ସହିତ ,ଏକ ବନ୍ଧୁମିଳନ କରିଥିବାରୁ ସେ ଦଳର କୌଣସି ନେତାଙ୍କୁ ଡାକି ନ ଥିବା ପ୍ରକାଶ କରିଥିଲେ । ଯଦି ସରକାର କିମ୍ବା ପ୍ରଶାସନ ଅତି ଶୀଘ୍ର ଦାବିଗୁଡ଼ିକୁ ପୂରଣ ନ କରନ୍ତି ତା'ହେଲେ ସେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ରବୀନ୍ଦ୍ର କୁମାର ଜେନା ଦାବି ଉପସ୍ଥାପନ କରୁଛନ୍ତି।

# ଭଦ୍ରକ-ପୁରୀ ମେମୁ ଟ୍ରେନ୍ ଚଳାଚଳ ଦାବି

ଭଦ୍ରକ ଅଫିସ/ଧାମନଗର, ୮।୨(ଡି.ଏନ.ଏ)

ଭଦ୍ରକ ଧାମରା ମଧ୍ୟରେ ପାସେଞ୍ଜର୍ ଟ୍ରେନ ଚଳାଚଳ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବୁଧବାର ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ସାକ୍ଷାତ କରି ଦାବି ଜଣାଇଛନ୍ତି। ସଂସଦ ଭବନର କେନ୍ଦ୍ର ରେଳମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏମ୍‌ପି ମଣ୍ଡଳ ସାକ୍ଷାତ କରି ଭଦ୍ରକରୁ ପୁରୀ ଓ ପୁରୀରୁ ଭଦ୍ରକ ମଧ୍ୟରେ ନୂତନ ପାସେଞ୍ଜର ମେମୋ ଟ୍ରେନ ପ୍ରଚଳନ ଓ ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସମସ୍ତ ରେଳ ଷ୍ଟେଶନର ଉନ୍ନତି ପାଇଁ ଲିଖିତପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଗତ ୨୦୨୨ ଡିସେମ୍ବର ୬ରେ ଭୁବନେଶ୍ୱରଠାରେ ଦକ୍ଷିଣ ପୂର୍ବ ରେଳ ବିଭାଗର ଜେନେରାଲ ମ୍ୟାନେଜରଙ୍କ ସହ ଏମ୍‌ପି ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଖୋର୍ଦ୍ଧା ରେଳ ଡିଭିଜନ ପରାମର୍ଶଦାତା କମିଟିର ସଭ୍ୟ ଶିଶିର ମିଶ୍ରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଭଦ୍ରକ-ପୁରୀ ନୂତନ ପାସେଞ୍ଜର ମେମୋ ଟ୍ରେନ ରେଳବାଇ ବୋର୍ଡ ପକ୍ଷରୁ ମଞ୍ଜୁର ହୋଇଥିବା ଓ ଉକ୍ତ ଟ୍ରେନର ଶୁଭାରମ୍ଭ ତାରିଖ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିଷ୍ପତ୍ତି ପରେ ଚାଲୁ ହେବ ବୋଲି ଲିଖିତ ସୂଚନା ଦିଆଯାଇଥିଲା। ପରେ ଉକ୍ତ ଟ୍ରେନକୁ ଜଳେଶ୍ୱରରୁ ଚାଲୁ କରାଗଲା।


ରେଳମନ୍ତ୍ରୀଙ୍କୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଦାବିପତ୍ର ପ୍ରଦାନ କରୁଛନ୍ତି।

### ରେଳମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ମଞ୍ଜୁଲତା ମଣ୍ଡଳ

ଏଥିପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ରେଳରୋକୋ ସହିତ ଧାରଣା ଦିଆଯାଇ ବିରୋଧ କରାଯାଇଥିଲା। ପୂର୍ବରୁ ଭଦ୍ରକ-ଭୁବନେଶ୍ୱର ମେମୋ ଟ୍ରେନକୁ ବାଲେଶ୍ୱରକୁ ସମ୍ପ୍ରସାରଣ କରାଯାଇଥିଲା। ରେଳମନ୍ତ୍ରୀ ଏ ବାବଦରେ ଖୁବଶୀଘ୍ର ବିଚାର କରାଯାଇ ଭଦ୍ରକରୁ ପୁରୀ ମଧ୍ୟରେ ନୂତନ ପାସେଞ୍ଜର ଟ୍ରେନ ପ୍ରଚଳନ କରାଯିବା ସହ ସମସ୍ତ ଷ୍ଟେଶନଗୁଡ଼ିକର ଉନ୍ନତି ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଏମ୍‌ପି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୌରପାଳିକା ଏମ୍‌ପି ପ୍ରତିନିଧି ପ୍ରଣୟ କୁମାର ଦାସ ଓ ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

## ମୁର୍ଗା ମନ୍ଦିରରୁ ଚୋରି

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝରସ୍ଥିତ ମୁର୍ଗା ମହାଦେବ ମନ୍ଦିରରୁ ଚୋରି ଅଭିଯୋଗ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୧୨ ଟା ୧୪ ମିନିଟ ସମୟରେ ୩ ଯୁବକ ମୁଖ୍ୟ ଗେଟ୍ ତାଲା ଭାଙ୍ଗି ପଶିଥିଲେ। ପ୍ରଥମେ ପୂଜକଙ୍କ କୋଠରୀ ତାଲା ଭାଙ୍ଗିବା ପରେ ଚାବି କାଠି ପାଇ ଅଫିସ କୋଠରୀକୁ ଖୋଲିଥିଲେ। ଟେବୁଲ ଡ୍ର ଭିତରେ ଶିବରାତ୍ରି ପାଇଁ ରଖା ଯାଇଥିବା ପ୍ରାୟ ନଗଦ ୪୦ ହଜାର ଟଙ୍କା ନେଇ ପଳାଇ ଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଏ ସମ୍ପର୍କରେ ଫାଣ୍ଡିରେ କୌଣସି ଅଭିଯୋଗ କରାଯାଇନାହିଁ।

### ସଂକ୍ଷେପରେ

## ଘର କାନ୍ଥରେ ବାଡ଼େଇ ହେଲା ଯାତ୍ରାପାର୍ଟି ଟ୍ରକ୍

ବସ୍ତା, ୮।୨(ଡି.ଏନ.ଏ.)-ବସ୍ତା ବ୍ଲକ ସିଂଲା ଥାନା ଅଧୀନ ସାହାଡ଼ାଠାରେ ବୁଧବାର ଭାରସାମ୍ୟ ହରାଇ ଏକ ଯାତ୍ରାପାର୍ଟି ଟ୍ରକ୍ (ନଂ. ଓଆର୍୦୧ଜେ-୫୭୧୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ହେଲପର୍ ଗୁରୁତର ହୋଇଛନ୍ତି। ଦରଡ଼ାରୁ ସାର୍ଥା ଅଭିମୁଖେ ଯାଉଥିବା ଏହି ଟ୍ରକ୍ ସାହାଡ଼ାଠାରେ ହରିଶ୍ଚନ୍ଦ୍ର ବିଶ୍ୱାଳଙ୍କ ଘର କାନ୍ଥକୁ ଧକ୍କା ଦେଇଥିଲା। ଫଳରେ ଟ୍ରକର ହେଲପର୍ ସିଟରେ ବସିଥିବା ଯାତ୍ରା ପାର୍ଟି ମାଲିକଙ୍କ ପୁତୁରା କାନ୍ଥ ଓ ଟ୍ରକ୍ ମଧ୍ୟରେ ଚାପି ହୋଇ ଗୁରୁତର ଅବସ୍ଥାରେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ଏକ ଜେସିବି ସାହାଯ୍ୟରେ ଟ୍ରକକୁ ସାଇଡ୍ କରି ହେଲପର ସିଟ୍‌ରେ ବସିଥିବା ଧର୍ମେନ୍ଦ୍ର ଭୂୟାଁଙ୍କୁ ଉଦ୍ଧାର କରାଯାଇଥିଲା। ଯାତ୍ରା ପାର୍ଟି ବସ୍ତା ଥାନା ହଦମୌଦ ମା' ଦଶକଳସ ଲୋକନାଟ୍ୟ ବୋଲି ଜଣାଯାଇଛି। ଗୁରୁତର ଧର୍ମେନ୍ଦ୍ରଙ୍କ ଗୋଡ଼ରେ ଆଘାତ ଲାଗିଥିବା ବେଳେ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ୧୧ରୁ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦୁଝର, ୮।୨(ଡି.ଏନ୍.ଏ/ସ୍ୱ.ପ୍ର): କେନ୍ଦୁଝର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଫେବୃଆରୀ ୧୧ ଶନିବାର ଜିଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଅଦାଲତରେ ବିଚାରାଧୀନ ମୋକଦ୍ଦମା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଗୁଡ଼ିକର ଆପୋଷ ବୁଝାମଣା ଓ ସହମତିରେ ସମାଧାନ କରାଯାଇପାରିବ। ବିଚାରାଧୀନ ମୋକଦ୍ଦମା ସହିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମୋକଦ୍ଦମାସ୍ତରୀୟ ତଥା କଚେରୀରେ ଦାୟର ହୋଇ ନ ଥିବା ବିବାଦର ମଧ ସମାଧାନ କରାଯାଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ମାମି ବେହେରା ସୂଚନା ଦେଇଛନ୍ତି।

## ନଡ଼ପୁରରେ ବାର୍ଷିକ ହିଙ୍ଗୁଳା ପୂଜା

ବୈଶିଙ୍ଗା,୮।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଶାଳ ଜଙ୍ଗଲରେ ବିରାଜିତ ମା' ବନଦୁର୍ଗାଙ୍କ ପୀଠରେ ବାର୍ଷିକ ହିଙ୍ଗୁଳା ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ଦେଖିବାକୁ ମଙ୍ଗଳବାର ଓ ବୁଧବାର ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶତାଧିକ ଦୋକାନ ବଜାର ବସିଥିବା ଯୋଗୁ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସନ୍ଧ୍ୟା ସମୟରେ ଯଜ୍ଞ କୁଣ୍ଡରେ ଅଗ୍ନିଙ୍କୁ ଆରାଧନା ପୂର୍ବକ ଭକ୍ତମାନେ ନିଜ ନିଜର ମାନସିକ ପଦାର୍ଥ ଯଥା କଦଳୀ କାନ୍ଧି, ନଡ଼ିଆ, କମଳା ସମେତ ବିଭିନ୍ନ ଫଳମୂଳ ନିକ୍ଷେପ କରିଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଭାପତି ଗଜେନ୍ଦ୍ର ରଣା, ସମ୍ପାଦକ ରାଖାଲ ହେମ୍ବ୍ରମ, ଦିବ୍ୟସିଂହ ଗିରି, ଅଶୋକ ବେହେରା , ପ୍ରଶାନ୍ତ କୁମାର କରଣ , ସୁନିଲ ପାତ୍ର, ହରିମୋହନ ମହାକୁଡ଼, ସମରେନ୍ଦ୍ର ବିନ୍ଧାଣିଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

## ଆଜି ୧୦୮ ଶିବଲିଙ୍ଗ ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ,୮।୨(ସ୍ୱ.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନପଙ୍ଗଠାରେ ଗୁରୁବାର ବାବା ଭୋଳେଶ୍ୱର ବିଗ୍ରହଙ୍କ ସମ୍ମୁଖରେ ୧୦୮ ଲିଙ୍ଗ ପ୍ରତିଷ୍ଠା ଉତ୍ସବ ପାଳିତ ହେବ। ଶିବ ଲିଙ୍ଗ ସ୍ଥାପନ ଜଣେ ସନ୍ଥ ଶିରୋମଣି ବାବା ବଟକୃଷ୍ଣଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ତିନିଦିନ ଧରି ପାଳନ ହେବାକୁ ଥିବା ଉତ୍ସବରେ ପ୍ରଥମ ଦିନ ଶୁଭାଧିବାସ, ୧୦ ତାରିଖରେ କଳସ ଶୋଭାଯାତ୍ରା ଓ ୧୧ରେ ପୂର୍ଣ୍ଣାହୂତି ହେବ ବୋଲି ବାବା ଭୋଳେଶ୍ୱର କମିଟିର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଶତାୟୁ ମହିଳାଙ୍କ ପରଲୋକ

କେନ୍ଦୁଝର,୮।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ବ୍ଲକ୍ ସିଲିସୁଆଁ ଗ୍ରାମରେ ହିରାମଣୀ ଦେହୁରୀଙ୍କ ଶହେ ବର୍ଷରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ବଡ଼ପୁଅ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ବଟକୃଷ୍ଣ ଦେହୁରୀ, ବୋହୂ, ନାତିନାତୁଣୀ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ଆଖପାଖ ଲୋକଙ୍କ ଭିଡ଼ ଜମିଥିଲା।

# ଫେଲ୍ ମାରିଛି ଆଳୁ ମିଶନ

### ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଚାଷ ପ୍ରତି ଆଗ୍ରହ ନାହିଁ

ଭଦ୍ରକ ଅଫିସ, ୮।୨

ଭଦ୍ରକ ଜିଲାରେ ଆଳୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ରହୁ ନ ଥିବା ଦେଖିବାକୁ ମିଳିଛି। ସରକାର ଆଳୁ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ବିହନ ଯୋଗାଣ ସହ ହେକ୍ଟର ପିଛା ସର୍ବାଧିକ ୫୮ ହଜାର ଟଙ୍କା ସବ୍‌ସିଡି ଘୋଷଣା କରିଛନ୍ତି। ତଥାପି ଆଳୁ ଚାଷ ଜିଲାରେ ବୃଦ୍ଧି ବଦଳରେ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି। ଜିଲାରେ ଆଳୁ ମିଶନ ଫେଲ ମାରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗତବର୍ଷ ଜିଲାରେ ପ୍ରାୟ ୮୮ ହେକ୍ଟର ଜମିରେ କେବଳ ଆଳୁ ଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ୫୯ ହେକ୍ଟର ଚାଷ ହୋଇଛି। ଜିଲାର ୭ଟି ବ୍ଲକ ମଧ୍ୟରୁ କେବଳ ୫ ବ୍ଲକରେ ଆଳୁ ଚାଷ ହୋଇଥିବା ବେଳେ ତିହିଡ଼ି ଓ ଧାମନଗର ବ୍ଲକରେ ଜଣେ ହେଲେ ଚାଷୀ ଆଳୁ ଚାଷ କରିନାହାନ୍ତି। ଚାନ୍ଦବାଲି ବ୍ଲକରେ ସର୍ବାଧିକ ୧୩ ହେକ୍ଟର ଜମିରେ ଆଳୁ ଚାଷ ହୋଇଥିବା ବେଳେ ଭଦ୍ରକରେ ୯.୯୬ ହେକ୍ଟର, ଭଣ୍ଡାରିପୋଖରୀରେ ୩.୩୩ ହେକ୍ଟର ଏବଂ ବାସୁଦେବପୁର ଓ ବନ୍ତ ବ୍ଲକରେ ୬.୬୬ ହେକ୍ଟର ଲେଖାଏ ଜମିରେ ଆଳୁ ଚାଷ ହୋଇଛି। ଚଳିତବର୍ଷ ସରକାରୀ ଭାବେ ଜିଲାରେ ୮୯୯ କୁଇଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ପ୍ରାୟ ୧୦ ହଜାର ମେଟ୍ରିକ ଟନ ଆଳୁ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଘରୋଇ ବଜାର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ଭଦ୍ରକ ଜିଲାରେ ବାର୍ଷିକ ପ୍ରାୟ ୩ ଲକ୍ଷ ୫୦ ହଜାର ମେଟ୍ରିକ ଟନ ଆଳୁର ଆବଶ୍ୟକତା ରହିଛି। ହେଲେ ଜିଲାରେ ନୈରାଶ୍ୟଜନକ ଆଳୁ ଉତ୍ପାଦନ ଯୋଗୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟରେ ଗୁରୁତର ଆଳୁ ସଙ୍କଟକୁ ଦୃଷ୍ଟିରେ ରଖି ସରକାର ୨୦୧୫-୧୬ ରେ ଆଳୁ ମିଶନ ଆରମ୍ଭ କରିଥିଲେ। ରାଜ୍ୟରେ ବ୍ୟାପକ ଭାବେ ଆଳୁଚାଷ କରିବାକୁ ସରକାରୀ ପ୍ରୋତ୍ସାହନ ସହ ଆଳୁକୁ ଦୀର୍ଘଦିନ ଧରି ସଂରକ୍ଷିତ କରି ରଖିବାକୁ ରାଜ୍ୟବ୍ୟାପୀ ଅଧିକରୁ ଅଧିକ ଶୀତଳ ଭଣ୍ଡାର ଖୋଲିବାକୁ ପ୍ରୟାସ କରିଥିଲେ। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଜିଲାରେ ଆଳୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ହେଉ ନ ଥିବା ନେଇ ଜିଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କନ୍ଦ ଜେନା କହନ୍ତି ଆଳୁ ମୁଖ୍ୟତଃ ଅକ୍ଟୋବର ଏବଂ ନଭେମ୍ବର ମାସରେ କରାଯାଇ ଜାନୁଆରୀ ଫେବୃଆରୀରେ ଅମଳ କରାଯାଇଥାଏ। ହେଲେ ଜିଲାରେ ବିଳମ୍ବିତ ଖରିଫ ଧାନ ଅମଳ ଯୋଗୁ ଚାଷ ବିଳମ୍ବିତ ହେଉଛି। ଫଳରେ ଆଳୁ ଉତ୍ପାଦନ ହ୍ରାସ ପାଉଛି। ଫଳରେ ଆଳୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ରହୁନାହିଁ।

## ସଂରକ୍ଷିତ ଜଙ୍ଗଲରେ ମଦ୍ୟପାନ କଲେ ଜରିମାନା



ଜଙ୍ଗଲରେ ଲଗାଯାଇଥିବା ପୋଷ୍ଟର।

### ଜଙ୍ଗଲ ନିଆଁ ରୋକିବାକୁ ଗ୍ରାମବାସୀଙ୍କ ପ୍ରୟାସ

ପାଟଣା,୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ନିହୁଆଁ ସଂରକ୍ଷିତ ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବାକୁ ଗ୍ରାମବାସୀ ଏକ ଚେତାବନୀ ପୋଷ୍ଟର ଲାଗାଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର ଧରିଛି। ପାଟଣା ବ୍ଲକ୍ ଡୁରୁମୁଙ୍ଗା ପଞ୍ଚାୟତ ଅଧୀନରେ ଥିବା ନିହୁଆଁ ଗାଁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ମଦ୍ୟ ପାନ ନିଷେଧ, ଧରା ପଡ଼ିଲେ ୨ ହଜାର ଜରିମାନା ବୋଲି ଲେଖାଥିବା ପୋଷ୍ଟର ମରାଯାଇଛି। ଗ୍ରାମର ସୌନ୍ଦର୍ଯ୍ୟ ବଢ଼ାଉଥିବା ଶାଳ ଜଙ୍ଗଲରେ କିଛି ଦିନ ତଳେ ଏହି ଜଙ୍ଗଲରେ ନିଆଁ ଲାଗିଥିଲା। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିଆଁ ଆୟତ୍ତ ହୋଇଥିଲା। କିଛି ବ୍ୟକ୍ତି ଜଙ୍ଗଲରେ ବସି ମଦ୍ୟପାନ କରିବା ସହ ଧୂମ୍ରପାନ କରନ୍ତି। ଫଳରେ ନିଆଁ ଲାଗି ସାରା ଜଙ୍ଗଲକୁ ବ୍ୟାପୁଛି। ଏଥି ସହ ଜଙ୍ଗଲ ସାରା ପ୍ଲାଷ୍ଟିକ ପାଣି ବୋତଲ ସହ ମଦ ବୋତଲକୁ ପକାଇ ଜଙ୍ଗଲ ପରିବେଶକୁ ଦୂଷିତ କରୁଛନ୍ତି। ନିଆଁ ଲାଗିବା କାରଣ ଖୋଜିବା ପରେ ଗ୍ରାମବାସୀ ଏପରି ପୋଷ୍ଟର ଜଙ୍ଗଲରେ ଲଗାଇଛନ୍ତି। ଫଳରେ ପରିବେଶ ପ୍ରଦୂଷଣ ସହ ଜଙ୍ଗଲ ନିଆଁ ରୋକିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି।

## କାର୍ଯ୍ୟାନୁଷ୍ଠାନ ଦାବିରେ ଶିକ୍ଷକ ସଂଘର ଧାରଣା


ଧାରଣା ସ୍ଥଳରେ ଉପସ୍ଥିତ ଶିକ୍ଷକମାନେ।

### କିରାଣିଙ୍କ ଲାଞ୍ଚ ନେବା ଭିଡିଓ ଭାଇରାଲ ଘଟଣା

ଧାମନଗର,୮।୨(ସ୍ୱ.ପ୍ର./ଡି.ଏନ୍.ଏ)

ଭଦ୍ରକ ଜିଲା ଧାମନଗର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତିଗ୍ରସ୍ତ ଓ ଲାଞ୍ଚଖୋର କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏନେଇ ବ୍ଲକ୍‌ର ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବୁଧବାର ଧାରଣା ଦିଆଯାଇଥିଲା। ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା ଧାରଣାସ୍ଥଳରେ ପହଞ୍ଚି ଶିକ୍ଷକମାନଙ୍କର ଦାବିକୁ ସମର୍ଥନ ଜଣାଇବା ସହ ଆସନ୍ତା ଦୁଇଦିନ ମଧ୍ୟରେ ଭଦ୍ରକ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସହ ଆଲୋଚନା କରି ଅଭିଯୁକ୍ତ କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଧାମନଗର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କିରାଣି ଲାଞ୍ଚ ନେଉଥିବାର ଭିଡିଓ କିଛିଦିନ ପୂର୍ବରୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ବ୍ଲକ୍‌ଠାରୁ ଜିଲା ପର୍ଯ୍ୟନ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଘଟଣାର କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷକମାନଙ୍କର ଦାବିକୁ ସମର୍ଥନ ଜଣାଇବା ସହ ତୁରନ୍ତ ବିଭାଗୀୟ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଜେନାଙ୍କ ସହ ଆଲୋଚନା କରିଥିଲେ। ଜିଲା ଶିକ୍ଷକ ସଂଘର ସଭାପତି ଅରବିନ୍ଦ ଦିକ୍ଷୀତ, ସମ୍ପାଦକ ପ୍ରଣୟ ମହାପାତ୍ର ଧାରଣାରେ ସାମିଲ ହୋଇଥିଲେ।

## ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୨ ଲକ୍ଷ ୮୬ ହଜାର

ବଡ଼ସାହି,୮।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କଉଡ଼ିଖଣ୍ଡିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଥିବା ହୁଣ୍ଡି ବୁଧବାର ଖୋଲାଯାଇଛି। ମୁଖ୍ୟ ଟ୍ରଷ୍ଟି ସୁନୀଲ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନଙ୍କୁ ନେଇ ଗଣତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗଣତି ପରେ ମୋଟ ୧୨,୮୬,୯୨୫ ଟଙ୍କା ମିଳିଥିବା ସୂଚନା ମିଳିଛି। ଏହି ଟଙ୍କା ମନ୍ଦିରର ଉନ୍ନତି ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟ ଟ୍ରଷ୍ଟି ଦାଶ କହିଛନ୍ତି। ଅନ୍ୟବର୍ଷ ଅପେକ୍ଷା ଚଳିତ ବର୍ଷ ସର୍ବାଧିକ ଭେଟି ମିଳିଥିବା ଜଣାପଡ଼ିଛି। ଗଣତି ସମୟରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ନିତାଇ ଗୌର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଭଣ୍ଡାରିପୋଖରୀ,୮।୨(ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମ ପଞ୍ଚାୟତ ଖେଳପଡ଼ିଆଠାରେ ନିତାଇ ଗୌର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚ ସରସଦା ଓ ଜଗନ୍ନାଥପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏଥିରେ ସରସଦା କ୍ରିକେଟ ଦଳ ବିଜୟ ଲାଭ କରିଥିଲା। ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି , ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୀନତି ପରଡ଼ା, ସମିତି ସଭ୍ୟା ରୀତାଞ୍ଜଳି ସାମଲ, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ଯୁବନେତା ଭାଗିରଥି ପରିଡା, ନୀଳମଣି ବୋଇତି ପ୍ରମୁଖ ଯୋଗଦେଇ ଦୁଇ ଦଳର ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏନଜିସି କ୍ରିକେଟ କ୍ଲବ ସଭାପତି ସତ୍ୟଜିତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀରାମ ଜେନା, ସୌମ୍ୟରଞ୍ଜନ ଦାସ, ପରେଶ ଜେନା, ଦିଲ୍ଲୀପ ଜେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ପଠାଣିସାମନ୍ତ ମେଧାବୃତ୍ତି ପାଇଲେ ୭ ଛାତ୍ରୀଛାତ୍ର


କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଓ ଅଭିଭାବକ।

ବାରିପଦା ଅଫିସ,୮।୨

ମୟୂରଭଞ୍ଜ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିରରେ ୭ଜଣ ଛାତ୍ରୀଛାତ୍ର ପଠାଣୀ ସାମନ୍ତ ମେଧାବୃତ୍ତି ପାଇଛନ୍ତି। ଏନେଇ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ଇଂ. ପ୍ରଭଞ୍ଜନ ରାଉତ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିବା ସହିତ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ହେଲେ ଅମିତ ମହାରଣା, ସାଇଜ୍ୟୋତି ମହାନ୍ତି, ଦେବରାଜ ସିଂ, ପ୍ରିୟଙ୍କା ପ୍ରିୟଦର୍ଶନୀ କଣ୍ଡେଲକଲ, ଆଦିତ୍ୟ ସିଂ,ଋତୁପୂର୍ଣ୍ଣା ମହାନ୍ତ ଓ ବିଭାନ ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଦ୍ୟାଧର ପାତ୍ର, ଲକ୍ଷ୍ମୀଧର ବେହେରା, ଶ୍ରୀଧର ପାଲ ଓ ଚିତ୍ତ ରଞ୍ଜନ ରାଉତ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ।

## ବେଆଇନ କ୍ରଶର ବନ୍ଦ କରିବାକୁ ନୋଟିସ୍

କେନ୍ଦୁଝର,୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ତହସିଲ ଢେଙ୍କିକୋଟ ରାଜସ୍ୱ ସର୍କଲ ଅନ୍ତର୍ଗତ ଖଣ୍ଡଘରଠାରେ ଚାଲିଥିବା ଏକ ବେଆଇନ କ୍ରଶରକୁ ବନ୍ଦ କରିବାକୁ ଘଟଗାଁ ବନାଞ୍ଚଳ ଅଧିକାରୀ ପ୍ରଭାତ କୁଅଁର ନୋଟିସ କରିଛନ୍ତି। ଚିଠି ନମ୍ବର ୮୪/୨୦୨୩ରେ ଏହି ନୋଟିସ କମ୍ପାନୀର ଏମ୍‌ଡି ଅଂକୁଶ ଅଗ୍ରୱାଲଙ୍କୁ କରାଯାଇଛି। ୩ ଦିନ ମଧ୍ୟରେ ଏହାର ଉତ୍ତର ନ ମିଳିଲେ ଏହାକୁ ଭାଙ୍ଗି ଦିଆଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

ବିନା ଅନୁମତିରେ ଏହି କ୍ରଶର ଚାଲିଥିବାବେଳେ ଏହାଦ୍ୱାରା ଜଙ୍ଗଲ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରିବା ସହ ପରିବେଶର କ୍ଷତି ହେଉଛି। ଡିଏଫଓ ପରିଦର୍ଶନ ବେଳେ ଏହି ବେଆଇନ କାମ ଚାଲିଥିବା ଧରିଥିଲେ। ଉକ୍ତ ସଂସ୍ଥାକୁ ଏନେଇ ପୂର୍ବରୁ ବହୁ ବାର ନୋଟିସ୍ ହୋଇଥିଲା। ମାତ୍ର ସଂସ୍ଥା ପକ୍ଷରୁ କୌଣସି ଉତ୍ତର ମିଳୁ ନ ଥିବାରୁ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ପୁଣି ନୋଟିସ୍ କରାଯାଇଛି। ଏବେ ଖିଲାପ କଲେ କ୍ରଶ୍‌ରକୁ ଭଙ୍ଗିଦିଆଯିବ ବୋଲି ଡିଏଫ୍‌ଓ ଧନରାଜ ଏଚ.ଡି. କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିରବତା ସମସ୍ତଙ୍କୁ ଚକିତ କରିଛି। ଦୀର୍ଘ ୧ ବର୍ଷ ହେବ ବିନା ଅନୁମତିରେ କ୍ରଶ୍‌ର ଚାଲିଥିଲେ ମଧ ରାଜସ୍ୱ, ବନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମତିରେ କ୍ରଶର ପ୍ରତିଷ୍ଠା ହୋଇଛି। ସେକ୍ସନ ୨୫ ଓ ୨୬ ଜଳ ପ୍ରଦୂଷଣ ନିରାକରଣ ଆକ୍ଟ ୧୯୭୪ ଏବଂ ବାୟୁ ପ୍ରଦୂଷଣ ଧାରା ୨୧ ପ୍ରଦୂଷଣ ନିରାକରଣ ଆକ୍ଟ ୧୯୮୧ରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ କ୍ରଶ୍‌ରକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ କରାଯାଇଥିଲା। ସେହିପରି ବନ ବିଭାଗ ପକ୍ଷରୁ ଏହାକୁ ବନ୍ଦ କରି ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ କରିବାକୁ ଆଦେଶ ହୋଇଥିଲା।

## ବାର୍ଷିକ କ୍ରୀଡ଼ା, ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ


ଅତିଥି ଓ ଛାତ୍ରୀଛାତ୍ରଙ୍କ ଗହଣରେ ବିଦାୟୀ ଇଂରାଜୀ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା।

ଖଇରା, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁରସ୍ଥିତ ଅନନ୍ତ ପ୍ରସାଦ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ଓ ଇଂରାଜୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଖଇରା ବ୍ଲକ ଏବିଇଓ ଶ୍ରୀଧର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ମାନସ ଦାଶ, ସ୍ଥାନୀୟ ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ କାଶୀନାଥ ମୁଦୁଲି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଦାମ ଚରଣ ରାଉତ, ମମତାରାଣୀ ଲେଙ୍କା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଇଂଲିଶ ଶିକ୍ଷକ ତଥା ସିଆରସିସି ଶରତ ଚନ୍ଦ୍ର ପଣ୍ଡାଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ତାଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ବନ୍ଦ ହେବାକୁ ବସିଛି ଫାର୍ମାସୀ କଲେଜ

ସାରସକଣା,୮।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆସ୍ଥିତ ସୀମାନ୍ତ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଟିକାଲ ସାଇନ୍ସ କଲେଜ ଏବେ ବନ୍ଦ ହେବାକୁ ବସିଛି। ଏକଦା ଏହି କଲେଜ ଶିକ୍ଷାଦାନ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଥିଲା। ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ଅନେକ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଥିଲେ। ଘରୋଇ ଭାବେ ଚାଲିଥିବା ଏହି କଲେଜକୁ ସରକାର ହାତକୁ ନ ନେବାରୁ ଏହା ଏବେ ବନ୍ଦ ହେବା ଅବସ୍ଥାରେ ପହଞ୍ଚିଛି। ଆଗଭଳି ଆଉ ଛାତ୍ରୀଛାତ୍ର ନାମ ଲେଖାଉ ନ ଥିବାରୁ ଏଠାରେ ନିଯୁକ୍ତ କେତେଜଣ ଅଧ୍ୟାପକ ଚାକିରି ଛାଡ଼ି ପଳାଇ ଯାଉଥିବା ଦେଖିବାକୁ ମିଳିଛି। ୧୯୮୧ରେ ସୀମାନ୍ତ ସମିତି ଦ୍ୱାରା ଏଠାରେ ଫାର୍ମାସୀ ଶିକ୍ଷା ବିଭାଗର ଡି-ଫାର୍ମ ଶିକ୍ଷା ଆରମ୍ଭ ହୋଇଥିଲା। ୧୯୯୫ରେ ବି ଫାର୍ମାସୀ ଓ ୨୦୦୨ରେ ଏମ୍ ଫାର୍ମ ଆରମ୍ଭ ହୋଇଥିଲା। ଶିରିଶ ହୋତା, ହରେକୃଷ୍ଣ ଦାସ, ସୁରେଶ ପଣ୍ଡା, ପରେଶ ବସା ପ୍ରମୁଖ ଏହି ଶିକ୍ଷାନୁଷ୍ଠାନ ଆରମ୍ଭ କରିଥିଲେ। ପରେଶ ବସାଙ୍କ ଅବଦାନ ଅଧିକ ରହିଥିଲା। ତେବେ ପରେଶ ବସାଙ୍କ ଦେହାନ୍ତ ପରେ ଶିକ୍ଷାନୁଷ୍ଠାନରେ ଅବ୍ୟବସ୍ଥା ଦେଖାଦେଲା। ନୂତନଶିକ୍ଷା ବର୍ଷରେ ଜମି ଅଧିଗ୍ରହଣ ନେଇ ସମସ୍ୟା ସୃଷ୍ଟି ହେବାରୁ ଏଠାରେ ପିଲା ନାମ ଲେଖାଇ ପାରିବେ ନାହିଁ ବୋଲି ଖବର ପ୍ରଚାରିତ ହେଲା। ଫଳରେ ନୂତନ ବର୍ଷରେ ଏଠାରେ ଛାତ୍ରୀଛାତ୍ର ନାମ ଲେଖାଇ ନାହାନ୍ତି।




ଭିତ୍ତିଭୂମିର ଅଭାବ ରହିଥିବା ସମ୍ପର୍କରେ ମଧ ଫାର୍ମାସୀ କାଉନସିଲ ଅଫ୍ ଇଣ୍ଡିଆ (ପି.ସି.ଆଇ.)ରୁ ଚିଠି ଆସିଥିଲା। ଏହା ଜାଣି ଶିକ୍ଷାନୁଷ୍ଠାନର କେତେଜଣ ଅଧ୍ୟାପକ ଅନ୍ୟତ୍ର ଚାକିରି କରିବାକୁ ପଳାଇଯାଉଥିବା ଜାଣିବାକୁ ମିଳିଛି। ସରକାର ଏହି ପୁରାତନ କଲେଜକୁ ହାତକୁ ନେବାକୁ ଅନେକ ପୁରାତନ ଛାତ୍ର ଦାବି କରିଛନ୍ତି।

## ସମନ୍ୱୟ ରକ୍ଷା କରି ବ୍ୟବସ୍ଥାକୁ ଆଗେଇ ନେବା ପାଇଁ ଆହ୍ୱାନ

### 'ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲେଶ୍ୱର ଅଫିସ, ୮।୨



ପାଣି ପଞ୍ଚାୟତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲା ଉଠାଜଳସେଚନ ବିଭାଗ ପକ୍ଷରୁ 'ପାଣି ପଞ୍ଚାୟତ ପକ୍ଷ-୨୦୨୩' ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଫଳ ରୂପାୟନ ଭଳି ପାଣି ପଞ୍ଚାୟତ ସୁପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ଚାଷୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ସହ ପାଣି ପଞ୍ଚାୟତ ବ୍ୟବସ୍ଥାକୁ ସଫଳ ପଥେ ଆଗେଇ ନେଇପାରିବେ। ସରକାର କିମ୍ବା ବିଭାଗ ଉପରେ ଅତି ନିର୍ଭରଶୀଳ ନ ହୋଇ କମିଟି ମଧ୍ୟରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଉଠାଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବୋଧ କୁମାର ଚୌଧୁରୀ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଡ. ଦିଲୀପ କୁମାର ରଥ ସଂଯୋଜନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣିପଞ୍ଚାୟତ ବ୍ୟବସ୍ଥାକୁ ସଫଳ କରିବାରେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅଧୀକ୍ଷଣ ଯନ୍ତ୍ରୀ ପବିତ୍ର ପରିଡ଼ା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜଳ ସମ୍ପଦ ବିଭାଗ ଜଳ ପ୍ରଭାରୀ ବ୍ରଜକିଶୋର ପରିଡ଼ା, ଉଠା ଜଳସେଚନ ବିଭାଗ ଜଳେଶ୍ୱର ଖଣ୍ଡ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ପାଣି ପଞ୍ଚାୟତର ଆଭିମୁଖ୍ୟ ଓ ପରିଚାଳନା ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଦ୍ୟାନ ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, କୃଷି ଶିଳ୍ପ ନିଗମ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟଶୈଳୀ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଇଂ. ସୁରେଶ ଚନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ପାଣି ପଞ୍ଚାୟତ ବ୍ୟବସ୍ଥା ଶୀର୍ଷକକୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାବ୍ୟତୀତ ବିଭାଗ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଇଂ. ପ୍ରେମାନନ୍ଦ ପଣ୍ଡା, ଇଂ. ଜଳନ୍ଧର ଦାସ, ଇଂ. ଗୌରାଙ୍ଗ ଦାସ, ଇଂ. କୁଳମଣି ନାୟକ, ଇଂ. ସ୍ୱାଗତ ସମ୍ବିତ ପଟ୍ଟନାୟକ, ସରୋଜ ମାଝୀ, ଶୋଭନ କୁମାର ଖିଲାର, ଚନ୍ଦନ ବାଗ, ଫୟାଜ ଅଲ୍ଲୀ ଖାନ, ମାନସ ଦାସ, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ବିଭିନ୍ନ ବର୍ଗର ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ଗଞ୍ଜେଇ ଜବତ, ଜଣେ ଗିରଫ**

ଭଦ୍ରକ ଅଫିସ: ଜିଲା ଉପଅଧିକ୍ଷକ ଅନୀତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ବଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ବୁଧବାର ଚଢ଼ାଉ କରାଯାଇ ୨.୮୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ପୁରୁଣାବଜାର ଥାନା ଅଧୀନ ଛଡ଼ାକ ମହଲାର ମିର ଆଲିମଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଏସ୍ଆଇ ଅଭିଳାଷ ପାଲ, ସନ୍ଦୀପ ପାଢ଼ୀ, ଏଏସ୍ଆଇ ପ୍ରହଲ୍ଲାଦ ସାମଲ ପ୍ରମୁଖ ଥିଲେ। ଭଦ୍ରକ ଅବକାରୀ ଥାନା ପକ୍ଷରୁ (ନଂ.୨୦୭/୨୨-୨୩)ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ରାଇବଣିଆ ଲୋକ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୮।୨(ଡି.ଏନ.ଏ.)- ରାଇବଣିଆର ମହୋତ୍ସବ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ୮ଦିନ ବ୍ୟାପି ୧୨ତମ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହାକୁ ବ୍ଲକ ଅଧକ୍ଷ ମାନସ କୁମାର ଜେନା ଉଦ୍‌ଘାଟନ କରି କର୍ମମୟ ଜୀବନରେ ଟିକିଏ ଅବସର ବିନୋଦନ ନିମନ୍ତେ ବିଭିନ୍ନ ସ୍ଥାନରେ ମହୋତ୍ସବ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ବିଡିଓ ପୁନମ ରାଉତ ଯୋଗଦେଇ ଆଞ୍ଚଳିକ ସ୍ତରରେ ପ୍ରତିଭା ବିକାଶ ଓ ଭାଇଚାରା ଲାଗି ବିଭିନ୍ନ ସ୍ଥାନରେ ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସରପଞ୍ଚ ଅଜୟ୍ ମହାନ୍ତି ଯୋଗଦେଇ ଆଞ୍ଚଳିକ ବିକାଶ ଲାଗି ମହୋତ୍ସବ ଏକ ମାଧମ ହୋଇପାରେ ବୋଲି କହିଥିଲେ। ଦିଲୀପ ସାମଲ ସଂଚାଳନ କରିଥିବା ବେଳେ ମହୋତ୍ସବ କମିଟି ସଭାପତି ଅନନ୍ତ ବିଶ୍ୱାଳ ଅଧକ୍ଷତା କରିଥିଲେ । ମୁନିନ୍ଦ୍ର ଧର ସୂଚନା ଓ ମଞ୍ଚ ଆହ୍ୱାନ କରିଥିବା ବେଳେ ସରପଞ୍ଚ ଗିରିଜା ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ପୂର୍ବରୁ ରାଇବଣିଆ ଦୁର୍ଗ ଅଧିଷ୍ଠାତ୍ରୀ ଦେବୀ ଗଡଚଣ୍ଡୀଙ୍କ ନିକଟରୁ ମଶାଲ ଶୋଭାଯାତ୍ରା ଆସିଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିରରୁ କଳସ ଶୋଭାଯାତ୍ରା ମଞ୍ଚ ନିକଟକୁ ଆସିଥିଲା ।

### ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ

ରାଇରଙ୍ଗପୁର,୮।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ସୋମବାର ଗୁଣ୍ଡୁରିଆ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଝାଡ଼ଖଣ୍ଡର ଜେଏମ୍ଏମ୍ ଦଳୀୟ ୨ ବିଧାୟକ ବିରୋଳ ପୂର୍ତ୍ତି ଏବଂ ସମୀର କୁମାର ମହାନ୍ତି, ଜେଏମ୍ଏମ୍ ଓଡ଼ିଶା ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନ ଏବଂ ରାଜ୍ୟ ସମ୍ପାଦକ ଦୁବରାଜ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ଅବହେଳିତ ଆଦିବାସୀମାନଙ୍କ ସୁରକ୍ଷା ଏବଂ ସେମାନେ ଜଙ୍ଗଲ ଜମି ସମେତ ବିଭିନ୍ନ ନାର୍ଯ୍ୟ ଅଧିକାର ପାଇ ନ ଥିବା ନେଇ ଶାସକ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ମୟୂରଭଞ୍ଜ ସମେତ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର ପ୍ରଭୃତି ଅଞ୍ଚଳର ଜେଏମ୍ଏମ୍ ନେତୃବୃନ୍ଦ ଓ ଯୁବ ଏବଂ ମହିଳା କର୍ମୀ ଏଥିରେ ଯୋଗ ଦେଇଥିଲେ। ମୟୂରଭଞ୍ଜ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ସଂଗଠନର ଆବାହକ ପୂର୍ବତନ ଏମ୍ପି ରାମଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ଶହୀଦ ଦିବସ ପାଳନ କରାଯାଇଥିଲା। ସେହିପରି ବହଳଦା ବ୍ଲକ ଗୁଣ୍ଡୁରିଆ ମେମୋରିଆଲ କମିଟି ପକ୍ଷରୁ ମଧ ଶଦୀଦ ଦିବସ ପାଳିତ ହୋଇଯାଇଛି।

### ମା'ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ

ଯୋଡ଼ା,୮।୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡା ହାଇସ୍କୁଲ ନିକଟରେ ଥିବା ମା'ମଙ୍ଗଳା ମନ୍ଦିରର ଷୋଡ଼ଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଉତ୍ସବ ଶାସ୍ତ୍ରୋକ୍ତ ପରମ୍ପରା ଅନୁଯାୟୀ କରାଯାଇଥିବା ମା'ମଙ୍ଗଳା ମନ୍ଦିର ପୁରହିତ ସ୍ମୃତି ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ପ୍ରଥମ ଦିନ ୧୦୦ରୁ ଉର୍ଦ୍ଧ୍ୱ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ହନୁମାନ ହଟିଂ ନିକଟସ୍ଥ ସୁନାନଦୀ ଘାଟରୁ ଘଟ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ମଙ୍ଗଳବାର ମଙ୍ଗଳ ଆରତୀ, ମହାସ୍ନାନ, ମହାବେଶ, ଆଳତୀ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହେବାକୁ ଥିବା ବେଳେ ସ୍ୟା ୫ ଘଟିକା ସମୟରେ ପୂର୍ଣ୍ଣାହୂତି ହୋଇଥିଲା। ପରିଚାଳନା କମିଟି ମୁଖ୍ୟ ଶରତ ଚନ୍ଦ୍ର ନାୟକ, ସଦସ୍ୟ ସୋମନାଥ ମହାନ୍ତି, ଅନିଲ ଗିରି, ସୁଧନ୍ୟା ସାହୁ, ସୁନୀଲ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

### ଏନ୍ଏନ୍‌ସିସି ସେମିରେ

ଧାମନଗର,୮।୨(ଡି.ଏନ.ଏ): ଭଦ୍ରକ ଜିଲା ଧାମନଗର ବ୍ଲକ୍ ଦୋବଲକାଳୀ ପଡ଼ିଆରେ ମା' ଶକ୍ତିମୟୀ ଯୁବ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଚତୁର୍ଥ କ୍ୱାର୍ଟର ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ରେଡ୍‌ଷ୍ଟାର କ୍ଲବ୍‌କୁ ହରାଇ କେନ୍ଦ୍ରାପଡ଼ାର ଏନ୍ଏନ୍‌ସିସି ଦଳ ସେମିକୁ ପ୍ରବେଶ କରିଛି। ଏନ୍ଏନ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଜବାବରେ ରେଡ୍‌ଷ୍ଟାର ୨୦ ଓଭରରେ ୮ ୱିକେଟ ହରାଇ ୧୬୪ ରନ କରି ସ୍ଥିତି ବରାବର କରିଥିଲା। ମ୍ୟାଚ୍ ଟାଇ ଯୋଗୁ ସୁପରଓଭର ଖେଳରେ ଏନ୍ଏନ୍‌ସିସି ଦଳ ବିଜୟୀ ହୋଇଥିଲା। ରଶ୍ମିରଞ୍ଜନ ଗୁରୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା। ଲଲାଟକେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ପ୍ରଦୀପ ଆଢ଼ିଆ, ମନୋଜ ନାୟକ ଓ ସଦାବ କାଦରୀ ସ୍କୋରର ଥିଲେ। ରଣଜିତ ମହାନ୍ତି, ସେକ୍ ଇମ୍ରାନ ଓ ଟିପୋ ଅଲ୍ଲୀ ଖାଁ ଧାରାବିବରଣୀ ପ୍ରଦାନ କରିଥିଲେ।

# ଗର୍ଜିଲେ ବାଦ୍ ପଡ଼ିଥିବା ହିତାଧିକାରୀ



ସଦର ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା**

ବାଲେଶ୍ୱର ଅଫିସ, ୮।୨

ବାଲେଶ୍ୱର ସଦର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ ଓ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା ପ୍ରତିବାଦରେ ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଯୋଗ୍ୟ ହିତାଧିକାରୀ ବୁଧବାର ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଘେରାଉ କରିଥିଲେ।

ସଦର ବ୍ଲକରେ ଆବେଦନ ହୋଇଥିବା ୨୭ହଜାର ଦରଖାସ୍ତରୁ ଶାସକ ଦଳ ନେତାଙ୍କ ପ୍ରରୋଚନାରେ ଅଧିକାରୀମାନେ ପ୍ରସ୍ତୁତ କରିଥିବା ତାଲିକାରୁ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ପକାଇବା ପରିତାପର ବିଷୟ। ଗତ ଜାନୁୟାରୀ ୧୬ତାରିଖରେ ପ୍ରକାଶିତ ୬ହଜାର ୮୯୨ଜଣଙ୍କ ନାମ ମଧ୍ୟରୁ ଦଳୀୟ ଭିତ୍ତିରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ସାମିଲ ହୋଇଥିବା ସ୍ପଷ୍ଟ ହୋଇଥିବା ବେଳେ ବିଭିନ୍ନ ପଞ୍ଚାୟତର ଗରିବ ଖଟିଖିଆ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇଁ ଚାତକ ପରି ଅନାଇ ବସିଛନ୍ତି। ଅନ୍ୟପକ୍ଷରେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ କାଟିବା ପାଇଁ ସରକାର ଆରମ୍ଭ କରିଥିବା ଅଭିଯୋଗଗ୍ରହଣ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ଦ୍ୱନ୍ଦ ଉପୁଜାଇବା ବ୍ୟତୀତ ଅନ୍ୟ କିଛି ନୁହେଁ। ଶାସକ ଦଳ ନେତାଙ୍କ ସୁପାରିଶରେ ପ୍ରକାଶିତ ତାଲିକାରେ ସ୍ଥାନିତ ନାମଗୁଡ଼ିକୁ ବାଦ୍ ସହ ତୁରନ୍ତ ଠିକ୍ ତାଲିକା ପ୍ରକାଶ ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ପଣ୍ଡା ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଦର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସତ୍ୟକାମ ମହାନ୍ତି, ଚିତ୍ତରଞ୍ଜନ ନାୟକ, ସୁଶାନ୍ତ ରଣା, ହ୍ରିତିକ ନାୟକ, ସଞ୍ଜୀବ ନାୟକ, ନିଶିଥ ବାରିକ ପ୍ରମୁଖ ପ୍ରତିବାଦ ସଭାରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

## ପ୍ରଶାସନର ତରବରିଆ କାର୍ଯ୍ୟାନୁଷ୍ଠାନ ଅନାବଶ୍ୟକ: ଡିଆର୍‌ଏମ୍



ଗୋପୀନାଥପୁର ଷ୍ଟେଶନରେ ଡିଆର୍‌ଏମ୍ ତଦନ୍ତ କରୁଛନ୍ତି।

**ୱାଗନ୍‌ରେ ମୋରମ୍ ଚାଲାଣ ପ୍ରସଙ୍ଗ**

ନୀଳଗିରି, ୮।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଗୋପୀନାଥପୁରଠାରେ ନୂତନ ଷ୍ଟେଶନ ନିର୍ମାଣ ଚାଲୁଥିବା ବେଳେ ମଙ୍ଗଳବାର ନୂତନ ରେଳ ଷ୍ଟେଶନରେ ୪ଟି ରେଲୱେ ୱାଗନ୍‌ରେ ଜେସିବି ଦ୍ୱାରା ମୋରମ ଲୋଡ ହେଉଥିବା ଖବରପାଇ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ତହସିଲଦାର ରଞ୍ଜନ ବେହେରା, ଏସ୍‌ଡିପିଓ ରୀତେଶ କୁମାର ମହାପାତ୍ର ଚଢ଼ାଉ କରି ବ୍ୟବହୃତ ଜେସିବିକୁ ଜବତ କରି ଥାନାକୁ ଆଣିଥିଲେ। ଘଟଣାକୁ ନେଇ ଜିଲାପାଳ ଟୁଇଟ୍ ଯୋଗେ ସୂଚନା ଦେଇଥିଲେ । ଖବରପାଇ ବୁଧବାର ଡିଆରଏମ୍ ମହମ୍ମଦ ସୁଜତ୍ ହାସମୀ, ସିନିୟର ଡିପିଏମ୍ ରାଜେଶ କୁମାର, ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଗୋପୀନାଥପୁର ଷ୍ଟେଶନରେ ପହଞ୍ଚି ତଦନ୍ତ କରିଥିଲେ। ମୋରମ ଉତ୍ତୋଳନ କରାଯାଉଥିବା ଜାଗା ରେଲୱେ ଅଧୀନସ୍ଥ। ରେଲୱେ ତା ନିଜସ୍ୱ ଜାଗାରୁ ରେଲୱେ କାର୍ଯ୍ୟରେ ଖଣିଜ ସମ୍ପଦ ନେଇପାରିବ ବୋଲି ଡିଆର୍‌ଏମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଅଧିକାରୀମାନେ ତରବରିଆ ଭାବେ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ଅନାବଶ୍ୟକ ବୋଲି ପ୍ରକାଶ କରିଛନ୍ତି ।

ସାମଗ୍ରୀ ପରିବହନ ବେଳେ କୌଣସି ନିୟମକୁ ଅଣଦେଖା କରାଯାଇ ନ ଥିବା ବେଳେ ରେଲୱେ କାର୍ଯ୍ୟର ପ୍ରଗତିରେ ଏତାଦୃଶ କାର୍ଯ୍ୟ ବାଧା ସୃଷ୍ଟି କରୁଛି। ଖଡ଼ଗପୁର ଡିଭିଜନ ଯଥାଶୀଘ୍ର ଏହି ନୂତନ ବିଭାଗରେ ଯାତ୍ରୀ ସେବା ଆରମ୍ଭ ପାଇଁ ଏକ ମିଶନ ମୋଡ ଉପରେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ହଠାତ୍ ଏପରି ପଦକ୍ଷେପ ନେବା ପୂର୍ବରୁ ରେଳ ପ୍ରାଧିକରଣ ସହିତ ପରାମର୍ଶ କରିବା ଉଚିତ୍ ଥିଲା ବୋଲି ଡିଆର୍‌ଏମ୍ ସୂଚନା ଦେଇଛନ୍ତି । ରେଳ ନିର୍ମାଣ ସାମଗ୍ରୀ ପରିବହନ ରେଳ ଜମିରୁ ଏବଂ ନିୟମ ଅନୁଯାୟୀ କରାଯାଉଛି। ଉକ୍ତ ସ୍ଥାନରୁ ମୋରମ୍ ଉଠାଯାଇ ଗୋପୀନାଥପୁର ଓ ସୁଡେଇ ଷ୍ଟେସନର କାର୍ଯ୍ୟ ପାଇଁ ଯାଉଥିଲା। ୱାଗନ ଉକ୍ତ ଉଦ୍ଦେଶ୍ୟରେ ବ୍ୟବହୃତ କରାଯାଇଥିଲା ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୮।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମରେ ଜଣେ ମହିଳା ନିଆଁରେ ପୋଡ଼ି ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଟୁନୁଡିହା ଗ୍ରାମର ମହେନ୍ଦ୍ର ବେହେରାଙ୍କ ସ୍ତ୍ରୀ ରଞ୍ଜୁଲତା (୨୪)। ରଞ୍ଜୁଲତା କିଛି ଦିନ ତଳେ ଡୁକୁରାସ୍ଥିତ ବାପ ଘରକୁ ବୁଲିବାକୁ ଆସିଥିବା ବେଳେ ଗତ ୩ ତାରିଖ ସକାଳେ ଶୀତ ଯୋଗୁ ଘର ବାଡ଼ିରେ ନିଆଁ ଜାଳି ବସିଥିଲେ। ତେବେ ଅସାବଧାନତା ବଶତଃ ତାଙ୍କ ଶାଢିରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲେ ମଧ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମାଜିଷ୍ଟ୍ରେଟ ବନଜା ପାତ୍ରଙ୍କ ଉପସ୍ଥିତିରେ ବାରିପଦା ଡାକ୍ତରଖାନାରେ ବୁଧବାର ଶବ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଛି। ରଞ୍ଜୁଲତା ଦୁଇ ବର୍ଷ ତଳେ ମହେନ୍ଦ୍ରଙ୍କୁ ଭଲ ପାଇ ବିବାହ କରିଥିଲେ। ତାଙ୍କର ୭ ମାସର ଏକ ଶିଶୁ ସନ୍ତାନ ଅଛି।

## ଗନ୍ଧମାର୍ଦ୍ଦନରୁ ଗୁହାଳଡିହି ରେଲୱେ ସାଇଡିଂକୁ ବିରୋଧ

**ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ଚେତାବନୀ**

କେନ୍ଦୁଝର,୮।୨(ଡି.ଏନ୍.ଏ.)

ରେଳ ପ୍ରକଳ୍ପରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଧୀନ ଶୁଆକାଟୀରେ ଥିବା ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ପର୍ଜନପୁରର ଗୁହାଳଡିହି ପର୍ଯ୍ୟନ୍ତ ରେଲୱେ ସାଇଡିଂକୁ ବିରୋଧ କରାଯାଇଛି। ଏଥିରୁ କ୍ଷାନ୍ତ ନ ହେଲେ ଜିଲାବ୍ୟାପୀ ଆନ୍ଦୋଳନ ପାଇଁ ଟ୍ରକ୍ ମାଲିକମାନେ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଜିଲାର ହଜାର ହଜାର ଶିକ୍ଷିତ ବେକାରଙ୍କ ପାଇଁ ଟ୍ରକ୍ ବ୍ୟବସାୟ ରୋଜଗାରର ମାଧ୍ୟମ ସାଜିଛି। ମାତ୍ର ଏହା ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ଖଣି ନିଗମ ପରିଚାଳିତ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ରେଲୱେ ସାଇଡିଂକୁ ୧୨.୬ କିଲୋମିଟର ରେଳପଥ ପାଇଁ ଚଳିତ ବଜେଟରେ ବ୍ୟବସ୍ଥା କରାଯାଇଛି। ଏହି ଦୂରତା ପାଇଁ ୧୮୯ କୋଟି ୯୩ ଲକ୍ଷର ଅଟକଳ କରାଯାଇଥିବା ସହ ଚଳିତ ବଜେଟରେ ୨୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ନୂତନ ଲାଇନର ଦଶମ ଧାଡ଼ିରେ ରହିଛି। ବ୍ୟୟବରାଦ ସହ ପୂର୍ବତଟ ରେଳବାଇ ପକ୍ଷରୁ ଏହାକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ମଧ କରାଯାଇଛି। ଜିଲା ଟ୍ରକ୍ ମାଲିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ଅୟସକାନ୍ତ ପଟ୍ଟନାୟକ, ଚିନ୍ମୟ ବାରିକ, ସୁରଜ ପାତ୍ର, ପର୍ଶୁରାମ ବାରିକ, ପ୍ରଦୀପ ଦାସ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଏହାକୁ ବିରୋଧ କରିଛନ୍ତି।

## 'ସଂଶୋଧନର ଅନ୍ୟନାମ ଶିକ୍ଷା'

ବାରିପଦା ଅଫିସ,୮।୨

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ(ନୂତନ)ର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଜିଲା ଶିକ୍ଷାଧିକାରୀ ମାନସ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ସଂସ୍କାରିତ ହେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବର ମୁଖ୍ୟବକ୍ତା ଭାବେ ସ୍ୱରୂପ କୁମାର ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ହେଉଛି ସାଧନା ଓ ସାଧକର ମନ୍ଦିର। ନିଜକୁ ସଂଶୋଧନ କରିବାର ଅନ୍ୟନାମ ଶିକ୍ଷା ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା.ରଜନୀକାନ୍ତ ମହାପାତ୍ର, ବ୍ଲକ ମଙ୍ଗଳ ଅଧିକାରିଣୀ ହରପ୍ରିୟା ସାମଲ, ତୋଟାପଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ପରିଚାଳନା ସମିତିର ସଭାପତି ଧାନାୟ ମାଝୀ ଓ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଭିମନ୍ୟୁ ସାତୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଚତୁର୍ଥ ପଞ୍ଚାୟତ ସମିତି ବୈଠକ

# ହୋହାଲ୍ଲା, ଧସ୍ତାଧସ୍ତିରେ ଶେଷ

ଧାମନଗର,୮।୨(ସ୍ୱ.ପ୍ର./ଡି.ଏନ୍.ଏ)

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଥିଲା। ଅଧିବେଶନ ଆରମ୍ଭ ହେବା ମାତ୍ରେ ଉଭୟ ଶାସକ ଓ ବିରୋଧୀ ଜନପ୍ରତିନିଧିଙ୍କ ମଧ୍ୟରେ ହୋହାଲ୍ଲା, ଗଣ୍ଡଗୋଳ ଓ ଠେଲାପେଲା ହେବାରୁ ବିଡିଓ ବନବିହାରୀ ଦିଣ୍ଡା ମାତ୍ର ୧୫ ମିନିଟରେ ବୈଠକ ଶେଷ କରି ଦେଇଥିଲେ।

ବ୍ଲକ୍ ସଭାଗୃହରେ ସକାଳ ୧୦ଟାରେ ବୈଠକ ଆରମ୍ଭରେ ପିଅନ ଉପସ୍ଥାନ ଗ୍ରହଣ କରିବା ଲାଗି ଦସ୍ତଖତ ସଂଗ୍ରହ କରିଥିଲେ। ବୈଠକ ନ ହେଉଣୁ ଏଭଳି ଦସ୍ତଖତ ସଂଗ୍ରହକୁ ବିରୋଧୀ ଭାଜପା ସମର୍ଥିତ ସମିତି ସଭ୍ୟା/ସଭ୍ୟ ଓ ସରପଞ୍ଚମାନେ ବିରୋଧ କରିଥିଲେ। ଶାସକ ଦଳ ସମର୍ଥିତ ସମିତିସଭ୍ୟା/ସଭ୍ୟ ଓ ସରପଞ୍ଚମାନେ ସମର୍ଥନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରା ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସମସ୍ତଙ୍କୁ ବାରମ୍ବାର ନିବେଦନ କରିଥିଲେ ମଧ କେହି ଶୁଣି ନଥିଲେ। ଏହାରି ମଧ୍ୟରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ମାଇକ୍ରୋଫୋନ ଛଡ଼ାଛଡ଼ି ହୋଇଥିଲେ। ପାଟିତୁଣ୍ଡ ମଧ୍ୟରେ ବିଡିଓ ଗୋଟିଏ ପରେ ଗୋଟିଏ ବିଭାଗର ସମସ୍ୟା ସମ୍ପର୍କରେ ନିର୍ବାଚିତ ପ୍ରତିନିଧିଙ୍କୁ ପଚାରିଥିଲେ। ଧାମନଗରରେ କୌଣସି ସମସ୍ୟା ନାହିଁ। ଲୋକଙ୍କର କୌଣସି ଅସୁବିଧା ହେଉନି ବୋଲି ଶାସକ ଦଳ ପ୍ରତିନିଧିମାନେ କହିଥିବା ବେଳେ ଭାଜପା ସମର୍ଥିତ ପ୍ରତିନିଧିମାନେ ବ୍ଲକ୍‌ରେ ହେଉଥିବା ବିଭିନ୍ନ ଦୁର୍ନୀତିକୁ ନେଇ ହୋହାଲ୍ଲା କରିଥିଲେ। ସୋହଡ଼ା ପଞ୍ଚାୟତ ସମିତିସଭ୍ୟା ଗୀତାଞ୍ଜଳି ପତି ଭଗବାନପୁର ପଞ୍ଚାୟତର ଡିଗି ପୋଖରୀଆଡ଼ିରେ ୨୦୨୦ରେ ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲଗା ଯାଇଥିବା ଆମ୍ବ ଗଛ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଏନେଇ ଶାସକ ଦଳ ପ୍ରତିନିଧିମାନେ ତାଙ୍କ ପାଖକୁ ମାଡ଼ି ଆସି ପୋଡିୟମ ନିକଟରେ ଜାକିଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳିଆ ପରିସ୍ଥିତିରେ ବିଡିଓ ବୈଠକ ଶେଷ କରିବାକୁ ଶାସକ ଦଳର ପ୍ରତିନିଧିମାନେ ଚାଲୁ ରଖିବାକୁ ଦାବି କରିଥିଲେ। ଶେଷରେ ବିଡିଓଙ୍କୁ ଶାସକ ଦଳର ସମସ୍ତ ପ୍ରତିନିଧି ପୋଡ଼ିୟମ ପାଖରୁ କର୍ଡନ କରି ବାହାରକୁ ନେଇଥିଲେ।

ବୈଠକରେ ଉପସ୍ଥିତ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଘଟଣାକୁ ନାପସନ୍ଦ କରିବା ସହିତ ଏହା ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ ବୋଲି କହିଛନ୍ତି। ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରାଙ୍କ ଅଧକ୍ଷତାରେ ବୈଠକରେ ବିଧାୟକ ସୁରଜ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ଉପାଧକ୍ଷ ଟୁନିବାଳା ବିଶ୍ୱାଳ, ବ୍ଲକ୍ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ।



ଜନପ୍ରତିନିଧିମାନେ ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା କରୁଛନ୍ତି ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ସବିତା



@ପୂର୍ଣ୍ଣଚନ୍ଦ୍ର



@ପ୍ରଭାତ



@ନରେଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## କୁଡୁମୀ ସମାଜ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ସମ୍ମାନିତ କରାଯାଉଛି।

ଚମ୍ପୁଆ,୮।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଞ୍ଚାୟତର ଶରାଷପଶିଠାରେ ଓଡ଼ିଶା କୁଡୁମୀ ସମାଜର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଏକାଧାରରେ ଜଣେ କବି, ଲେଖକ ଓ ସଂଗ୍ରାହକ ଭାବେ ପରିଚିତ ଶିକ୍ଷକ ମହାନ୍ତଙ୍କ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ମହାନ୍ତଙ୍କ ଘର ଚମ୍ପୁଆ ବିଞ୍ଝପିତ ଅଞ୍ଚଳର ପାଞ୍ଚପୋଖରୀଆଠାରେ ହୋଇଥିବା ବେଳେ ସେ ୧୯୯୦ରୁ ୨୦୦୦ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ରାଜ୍ୟର ଜୟନ୍ତୀଗଡ଼ଠାରେ ଓଡ଼ିଆ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପରେ ୨୦୦୩ରେ ସେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଶିକ୍ଷକତା ବୃତ୍ତି ଆରମ୍ଭ କରି ଟିମିଲା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ନିଜ ଉଦ୍ୟମରେ ଗାଁରେ ଏକ ଲାଇବ୍ରେରୀ ସ୍ଥାପନ କରିବା ଏବଂ ଚମ୍ପୁଆ ଅଞ୍ଚଳର ଦର୍ଶନୀୟ ସ୍ଥାନ ନାମକ ଗବେଷଣାତ୍ମକ ପୁସ୍ତକ ଲେଖି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି।

